## ୧୦ ସାର୍ବଜନୀନ ମଣ୍ଡପରେ ମା'ଙ୍କ ପୂଜା

ବାହାନଗା, (ଡି.ଏନ.ଏ.): ଦୁର୍ଗତିନାଶିନୀ ମା' ଦୁର୍ଗାଙ୍କ ଶାରଦୀୟ ପୂଜା ବାଲେଶ୍ୱର ଜିଲା ବାହାନଗା ବ୍ଲକର ୧୦ ସାର୍ବଜନୀନ ମଣ୍ଡପରେ ଅନୁଷ୍ଠିତ ହେଉଛି। କରୋନା କଟକଣାରେ ପାଳନ ହେଉଛି ମା'ଙ୍କ ଅଷ୍ଟମୀ ପୂଜା। ବାହାନଗା ସଦରମହକୁମା ବଜାର, ଖନ୍ତାପଡା, ଚକଜଗନ୍ନାଥପୁର, ପଣପଣା , ଗୋପାଳପୁର, ମଉଁଷାପଟା, କଲ୍ୟାଣୀ ବଙ୍ଗାଳି ସାହି, ନୂଆପୁର ବଙ୍ଗାଳି ସାହି-୧, ନୂଆପୁର -୨, ଦେବେନ୍ଦ୍ରପୁର ଆଦି ଅଞ୍ଚଳରେ ମା'ଙ୍କ ସାର୍ବଜନୀନ ମଣ୍ଡପରେ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରାଯାଇ ପୂଜା ଅନୁଷ୍ଠିତ ହେଉଛି।

## ସଂକ୍ଷେପରେ

### ଟ୍ୟାଙ୍କର ଧକ୍କାରେ ଓଲଟିଲା କାର୍

ରୂପସା, ୧୩।୧୦(ଡି.ଏନ.ଏ.)

ବାଲେଶ୍ୱର ୬୦ ନଂ. ଜାତୀୟ ରାଜପଥର ରୂପସା ଥାନା ଅନ୍ତର୍ଗତ ବସ୍‌ଷ୍ଟାଣ୍ଡ ନିକଟରେ ବୁଧବାର ସଡ଼କ ଦୁର୍ଘଟଣା ଘଟିଛି। କଲିକତାରୁ ନୂଆ କାର୍ ଯୋଗେ ଦୁର୍ଗାଷ୍ଟମୀରେ ଏକ ପରିବାରର ୯ଜଣ ସଦସ୍ୟ ପୁରୀ ଯାଉଥିବା ବେଳେ ଏକ ଟ୍ୟାଙ୍କର ପଛପଟୁ ଧକ୍କା ଦେବାରୁ କାର୍‌ଟି ଓଲଟି ପଡିଥିଲା। କାର୍‌ରେ ଥିବା କଲିକତା ବେଲଘୋରିଆ ଅଞ୍ଚଳର ସୋନାର ବେଙ୍ଗଲ କଲୋନୀର ଅନିର୍ବାଣ ଚୌଧୁରୀ, ତାଙ୍କ ମା', ବାପା, ସ୍ତ୍ରୀ, ପୁଅ, ଝିଅ ସମେତ ୯ଜଣ ସଦସ୍ୟ ଅଳ୍ପକେ ବର୍ତ୍ତିଯାଇଥିଲେ। ଟ୍ୟାଙ୍କର ଡ୍ରାଇଭର ଟ୍ୟାଙ୍କର ନେଇ ଚମ୍ପଟ ମାରିଥିଲା। ରୂପସା ପୋଲିସ ପହଞ୍ଚି କାର୍‌ରେ ଥିବା ଆହତଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା କରାଇଥିଲେ।

### ରାତିଅଧିଆ ପୂଜାମଣ୍ଡପରେ ଲାଗିଲା ବିଦ୍ୟୁତ୍ ମିଟର

ଜଳେଶ୍ୱର, ୧୩।୧୦(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ପୋଲିସର ଆହ୍ୱାନକ୍ରମେ ଗତ ୯ତାରିଖରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନ୍ୟ ସମସ୍ତ ବିଭାଗ ସହିତ ବିଦ୍ୟୁତ୍ ବିଭାଗ ସମ୍ପର୍କରେ ଆଲୋଚନା ହୋଇଥିଲା। ଜଳେଶ୍ୱରର ଥିବା ସମସ୍ତ ସାର୍ବଜନୀନ ଦୁର୍ଗାପୂଜା ମଣ୍ଡପ ପକ୍ଷରୁ ପ୍ରଶାସନିକ ଅନୁମତି ନେବା ସହିତ ୧ହଜାର ଟଙ୍କାର ଦେୟ ପୈଠ କରିବା ପରେ ବିଦ୍ୟୁତ୍ ଯୋଗାଇବାର କୁହାଯାଇଥିଲା। ହଠାତ୍ ଟାଟାପାୱାର ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ କେତେଜଣ କର୍ମଚାରୀ ପ୍ରତ୍ୟେକ ସାର୍ବଜନୀନ ପୂଜାମଣ୍ଡପ ନିକଟକୁ ଯାଇ ବିଦ୍ୟୁତ୍ ସରବରାହ କାଟି ଏକ ଡିଜିଟାଲ ମିଟର ଲଗାଇଥିଲେ। ଫଳରେ ଦୀର୍ଘସମୟ ଧରି ବିଦ୍ୟୁତ୍ ସରବରାହ ଠପ୍ ହୋଇଥିଲା। ଶାନ୍ତି କମିଟି ବୈଠକ ବେଳେ ସେଠାରେ ଉପସ୍ଥିତ ଥିବା ଟାଟା ପାୱାର କର୍ମକର୍ତ୍ତାଙ୍କ ଏଭଳି ସିଦ୍ଧାନ୍ତ ସମ୍ପର୍କରେ ପ୍ରକାଶ ନ କରି ହଠାତ୍ ମିଟର ଲଗାଇବାକୁ ଲୋକେ ନାପସନ୍ଦ କରିଛନ୍ତି। ପୂଜା ବେଳେ ବିଜୁଳି କାଟ ଯୋଗୁ ଅନ୍ଧାରରେ ହଇରାଣ ହୋଇଥିଲେ।

# କଟକଣାରେ ପୂଜା ପାଇଲେ ମା'

ବାରିପଦା ଅଫିସ/ କୁଆମରା/ ଖୁଣ୍ଟ।/ବାଙ୍ଗିରିପୋଷି/ବେତନଟୀ/ ରାଇରଙ୍ଗପୁର ,୧୩।୧୦(ଡି.ଏନ.ଏ.)

ମୟୂରଭଞ୍ଜ ଜିଲାରେ କୋଭିଡ୍ କଟକଣା ମଧ୍ୟରେ ମା' ଦୁର୍ଗାଙ୍କ ପୂଜା ସମ୍ପନ୍ନ ହୋଇଛି। ବାରିପଦା ସହର ଓ ଉପକଣ୍ଠର ୨୪ଟି ପୂଜା ମଣ୍ଡପ ଓ ପୀଠରେ ନିରାଡମ୍ବର ଭାବେ ପୂଜାକାର୍ଯ୍ୟ ଚାଲୁ ରହିଛି। ସହରର ତୁଳସୀ ଚଉରା, ଷ୍ଟେଶନ ବଜାର, ଫେଜାର ହଷ୍ଟେଲ, ମଧୁବନ, ସହୀଦ ପଡିଆ, ପାଲବଣୀ,ତକତପୁର,ଡାରଗାଡାହି, ମୁର୍ଗାବାଡ଼ି,ଲାଲ ବଜାର, କୃଷ୍ଣଚନ୍ଦ୍ର ଗୋଲାଇ, ସୁନାମୁହିଁ, ବଡ଼ବଜାର, ଅମ୍ବିକା ସାହି ହରପାର୍ବତୀ, ଶ୍ରୀରାଧାମୋହନ ମନ୍ଦିର ପାର୍ଶ୍ୱ, ଏମ୍‌ପିସି କଲେଜ ସମ୍ମୁଖ ହରପାର୍ବତୀ, ବଡ଼ବଜାର, ଶୀତଳା ମନ୍ଦିର, ବନଦୁର୍ଗା, ଲାଲବଜାର, ଦେବୀମାହାଲା, ପୌରପରିଷଦ କାର୍ଯ୍ୟାଳୟ ପରିସର, କମଳା ନେହେରୁ ହାଇସ୍କୁଲ, ଭଞ୍ଜପୁର, ବେଲଗଡ଼ିଆ ଏବଂ ତେନ୍ତୁଳିଡିଙ୍ଗାଠାରେ ଥିବା ପୂଜା ମଣ୍ଡପଗୁଡ଼ିକରେ ପୂଜା ଅନୁଷ୍ଠିତ ହେଉଛି। ମଙ୍ଗଳବାର ଘଟୋତ୍ତଳନ ପରେ ସପ୍ତମୀ ପୂଜା, ବୁଧବାର ମହାଷ୍ଟମୀ ଯଥାବିଧି ଅନୁଷ୍ଠିତ ହୋଇଛି। କଟକଣାକୁ ନେଇ ସାଧାରଣ ଦର୍ଶନ ବନ୍ଦ ଥିବା ବେଳେ ଭକ୍ତମାନେ ପୂଜାର୍ଚ୍ଚନା କରିବାରୁ ବଞ୍ଚିତ ରହିଛନ୍ତି। ଭିଡ଼କୁ ଦୃଷ୍ଟିରେ ରଖି ସହରରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

ସେହିପରି ଗୋପବନ୍ଧୁ ନଗର ବ୍ଲକର ଆରପଟା, ଭୋଲପୋଖରୀ, କୁଆମରା, ଗଡ଼ିଆମାଳ ଶକ୍ତି ପୀଠ, ପୁରୁଣା ବାରିପଦା, ସାଇଁକୁଲା, ବରଡ଼ିହି, ଅଙ୍କୁରପୁର, ଜୟପୁର, ମାର୍ଶିଗାଁ, ଆମ୍ବଯୋଡ଼ା, ପଣ୍ଡୁଦା, ଜୟୀଦା, କୁଶଳଦା, ରାଣୀବନ୍ଧ, ଅଛଡ଼ା, ମୁଟୁରୁଦା, କୁସୁମିଆ ପ୍ରଭୃତି ସ୍ଥାନରେ ମା'ଙ୍କ ପୂଜା ଅନୁଷ୍ଠିତ ହେଉଛି। ଚଳିତ ବର୍ଷ ମୋଟ ୨୩ଟି ମଣ୍ଡପରେ ଦେବୀ ପୂଜା ପାଉଥିବା ବେଳେ ୧୭ଟି ସାର୍ବଜନୀନ ଓ ୬ଟି ସ୍ଥାନରେ ଘରୋଇ ଭାବେ ପୂଜା ଅନୁଷ୍ଠିତ ହେଉଛି। ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ବିଭିନ୍ନ ପୂଜା ମଣ୍ଡପ ବୁଲି ଦେଖିଛନ୍ତି। ଖୁଣ୍ଟା ବ୍ଲକ ଚତୁର୍ଭିଶିଳା ଗ୍ରାମ, ଶିମଗଡ଼ିଆ, ବଙ୍ଗଳା ଛକ ଓ ଡୁକୁରାଠାରେ ଶାରଦୀୟ ପୂଜା ଅନୁଷ୍ଠିତ ହେଉଛି। ବାଙ୍ଗିରିପୋଷି ବ୍ଲକର ବିଭିନ୍ନ ସ୍ଥାନରେ ନିରାଡ଼ମ୍ବର ଭାବେ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ବାଙ୍ଗିରିପୋଷି ବଜାର ସମେତ ବସନ୍ତପୁର, ବଣକାଟୀ, ଅଂଳାଗୁଞ୍ଜା, ନିତେଇ, ଚନ୍ଦନପୁର,କଳାବାଡ଼ିଆ,କୁମ୍ଭାର ମୁଣ୍ଡାକଟା, ବୁଢ଼ାମରା, ଗୋଲାମୁଣ୍ଡାକଟା ପ୍ରଭୃତି ସ୍ଥାନରେ ହୋଇଥିବା ପୂଜା ମଣ୍ଡପ ଗୁଡ଼ିକ କରୋନା କଟକଣା ଯୋଗୁ ଖାଁ ଖାଁ ହୋଇ ପଡ଼ିଥିବା ଦେଖିବାକୁ ମିଳିଛି। ବେତନଟୀର ଆନନ୍ଦବଜାର,ଦୁର୍ଗା ତେଲ ମିଲ୍ ,କଙ୍କାକାଲିଆଛକ, ବସଷ୍ଟାଣ୍ଡ, ବଙ୍ଗଳାଛକ ଓ ବାହାନଡ଼ା ପୂଜା କମିଟି ପକ୍ଷରୁ ସାର୍ବଜନୀନ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ରାଇରଙ୍ଗପୁର ସହରାଞ୍ଚଳ ସମେତ ଗ୍ରାମାଞ୍ଚଳରେ ଦୁର୍ଗା ପୂଜା ଅନୁଷ୍ଠିତ ହୋଉଛି। ସହରର କୁଚେଇବୁଢ଼ି କମିଟି ପକ୍ଷରୁ ଅନୁଷ୍ଠିତ ପୂଜା କାର୍ଯ୍ୟରେ କମିଟିର କର୍ମକର୍ତ୍ତା ବସନ୍ତ କୁମାର ପଟ୍ଟନାୟକ, ଟୁଟୁ ମହାନ୍ତି ଓ ସୁଶିଲ କୁମାର ମହାନ୍ତିଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି।



ବାରିପଦାର ତୁଳସୀ ଚଉରାଠାରେ ପୂଜା ପାଉଥିବା ଦେବୀ ଦୁର୍ଗା।

# ଭାଲୁ ଆକ୍ରମଣରେ ମହିଳା ଗୁରୁତର

ବିଶୋଇ,୧୩।୧୦(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ବିଶୋଇ ବ୍ଲକ ଅନ୍ତର୍ଗତ ମାଖନା ଗ୍ରାମ ନିକଟରେ ବୁଧବାର ସକାଳେ ମା' ଓ ଶାବକ ଭାଲୁ ଆକ୍ରମଣର ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ସେହି ଗ୍ରାମର ଜାଗି ନାଏକ। ଚିକିତ୍ସା ପାଇଁ ତାଙ୍କୁ ବିଶୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, ସକାଳ ୮ ଘଟିକା ସମୟରେ ଜାଗି ଘର ପାଖ ଚାଷ ଜମିରେ ଜଳ ମଡ଼ାଇବା ନିମନ୍ତେ ନିକଟସ୍ଥ ଏକ ନାଳକୁ ଯାଇଥିଲେ। ଏହି ସମୟରେ ଏକ ଭାଲୁ ଓ ତାର ଶାବକ ଜାଗିଙ୍କୁ ଆକ୍ରମଣ କରିଥିଲେ। ଜାଗି ଚିତ୍କାର କରିବାରୁ ସେଠାରେ ଥିବା ପୋଖରୀରେ ଗାଧୋଉଥିବା କେତେକ ଯୁବକ ଦୌଡ଼ି ଆସି ଦୁଇ ଭାଲୁଙ୍କୁ ପଥର ମାରି ଘଉଡ଼ାଇ ଦେଇଥିଲେ। ଖବର ପାଇ ମଣଦା ବନପାଳ ତଥା ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳର ଭାରପ୍ରାପ୍ତ ଅଧିକାରୀ ଅଜିତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ବନରକ୍ଷୀ ସୁନୀଲ କୁମାର ମାଝି ଓ ସନତ କୁମାର ବେହେରା ଆହତ ଜାଗିଙ୍କୁ ଡାକ୍ତରଖାନାରେ ଭେଟିବା ସହ ତଦନ୍ତ ଜାରି ରଖିଛନ୍ତି। ଆହତ ମହିଳାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଆସନ ସଂରକ୍ଷଣ ନେଇ ଅସନ୍ତୋଷ

ବନ୍ତ,୧୩।୧୦(ଡି.ଏନ.ଏ.)

ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରାଥମିକ ଚିଠା ପ୍ରକାଶ ପାଇଥିବା ବେଳେ ବିଭିନ୍ନ ପଞ୍ଚାୟତରେ ଆସନ ସଂରକ୍ଷଣ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶିତ ତାଲିକାରେ ତ୍ରୁଟି ପରିଲକ୍ଷିତ ହୋଇଥିବା ନେଇ ବନ୍ତ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଜିଲା ପଞ୍ଚାୟତ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଛି। ୨୦୦୨ ପଞ୍ଚାୟତ ନିର୍ବାଚନରେ କାଦବରାଙ୍ଗ, ଗୋବିନ୍ଦପୁର, ଟିଲୋ, ପଧାନପଡ଼ା, ପୁରୁଷଣ୍ଡ, ସେଣ୍ଡତୀରା ଆଦି ୯ ପଞ୍ଚାୟତରେ ସ୍ଥାନ ସଂରକ୍ଷଣ ଯାହା ଥିଲା ଆସନ୍ତା ନିର୍ବାଚନ ପାଇଁ ଏସବୁ ପଞ୍ଚାୟତରେ ସେହି ସଂରକ୍ଷଣ ରଖାଯାଇଛି। ଅବଶିଷ୍ଟ ୧୬ ପଞ୍ଚାୟତରେ ୨୦୦୨କୁ ଆଧାର କରା ନ ଯାଇ ୨୦୦୭, ୨୦୧୨ ଆଧାରରେ ସଂରକ୍ଷଣ ଚିଠା ପ୍ରସ୍ତୁତ କରାଯାଇଛି। କେତେକ ପଞ୍ଚାୟତରେ ୨ରୁ ୩ଥର ସମାନ ସଂରକ୍ଷଣ ରଖାଯାଇଥିବା ବେଳେ ଆଉ କେତେକ ପଞ୍ଚାୟତରେ ଶେଷ ୪ ଟର୍ମ (କାର୍ଯ୍ୟକାଳ) ବାହାରେ ସଂରକ୍ଷଣ ରଖାଯାଇଛି। ଆଉ କେତେକ ପଞ୍ଚାୟତରେ ପଛୁଆ ବର୍ଗଙ୍କ ସଂରକ୍ଷଣକୁ ଗୁରୁତ୍ୱ ଦିଆଯାଇ ନାହିଁ। ଜିଲା ପ୍ରଶାସନ ରୋଟେଶନ ପଦ୍ଧତିରେ ଭୋଟର ସଂଖ୍ୟା ଓ ଶେଷ ୪ ଟର୍ମ(କାର୍ଯ୍ୟକାଳ) ମଧ୍ୟରେ ଥିବା ସଂରକ୍ଷଣକୁ ଗୁରୁତ୍ୱ ଦେଇ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବ୍ଲକ ପ୍ରଶାସନ ସହ ଯୋଗାଯୋଗ କରାଯିବାରୁ ଶେଷ ୪ ଟର୍ମ(କାର୍ଯ୍ୟକାଳ) ଆସନ ସଂରକ୍ଷଣ ବ୍ୟବସ୍ଥାକୁ ଆଧାର କରି ଆସନ୍ତା ନିର୍ବାଚନ ପାଇଁ ତାଲିକା ପ୍ରସ୍ତୁତ କରାଯାଇଥିବା କୁହାଯାଇଛି।

# ଶହୀଦ ପୋଲିସ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି

ବାରିପଦା ଅଫିସ, ୧୩।୧୦

ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା ବଣ୍ଡାବ ଗ୍ରାମରେ ମାଓବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ପୋଲିସ କର୍ମଚାରୀମାନଙ୍କୁ ଜିଲା ପୋଲିସ ପକ୍ଷରୁ ଶହୀଦ ଦିବସ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜ, ଏସ୍‌ପି କେ ଆର୍ ଦ୍ୟାନଦେଓ, ମୋରଡ଼ା ବିଧାୟକ ରାଜକିଶୋର ଦାସ ଏବଂ ଶହୀଦଙ୍କ ପରିବାରବର୍ଗ ଉପସ୍ଥିତ ରହି ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଜିଲା ପୋଲିସର ବହୁ ଅଧିକାରୀଙ୍କ ସହ ଶତାଧିକ ଆରକ୍ଷୀ ବାହିନୀ ଯୋଗଦେଇ ଗଭୀର ଶୋକବ୍ୟକ୍ତ କରିବା ସହିତ ଶହୀଦଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ। ପ୍ରକାଶ ଥାଉକି, ବଣ୍ଡାବ ଗ୍ରାମରେ ଚାଲିଥିବା ଫୁଟବଲ ଖେଳର ପୁରସ୍କାର ବିତରଣୀ ଉତ୍ସବରେ ମାଓବାଦୀମାନେ ଆକ୍ରମଣ କରିଥିଲେ। ଏଥିରେ ଚାନ୍ଦୁଆ ଥାନାର ଏଏସ୍‌ଆଇ ନାରାୟଣ ଚନ୍ଦ୍ର ପ୍ରଧାନ, ହାବିଲଦାର ରାଜେନ୍ଦ୍ର ମହାନ୍ତ, ଓ କନଷ୍ଟେବଲ ଗମ୍ଭା ହେମ୍ବ୍ରମ ଶହୀଦ ହୋଇଥିଲେ ।



ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲା ପୋଲିସର ଅଧିକାରୀ ଓ କର୍ମଚାରୀମାନେ।

# ପଦୋନ୍ନତି ପାଇଲେ ୬୪ ଶିକ୍ଷୟିତ୍ରୀ ଶିକ୍ଷକ

ଭଣ୍ଡାରିପୋଖରୀ, ୧୩।୧୦(ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଶିକ୍ଷା ବିଭାଗ ଅଧୀନରେ ଥିବା ବିଦ୍ୟାଳୟର ୬୪ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପଦୋନ୍ନତି ମିଳିଛି। ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଚିଠି ନଂ. ୭୭୨୧ ତା ୯।୧୦।୨୧ରିଖ ଅନୁଯାୟୀ ଚତୁର୍ଥ ବର୍ଗ ୪୪ଜଣ, ଗ୍ରାଜୁଏଟ ଶିକ୍ଷକ ୧୧ ଓ ତୃତୀୟ ବର୍ଗ ୯ ଜଣ ଶିକ୍ଷକଙ୍କ ପଦୋନ୍ନତି କରାଯାଇଛି। ବ୍ଲକ ଶିକ୍ଷାଧିକାରୀ ମଞ୍ଜୁବାଳା ନାୟକ, ସହ ଶିକ୍ଷାଧିକାରୀ ଅକ୍ଷୟ କୁମାର ଜେନା, ଅନିଲ କୁମାର ବଳ ଓ ଉମେଶ ଚନ୍ଦ୍ର ଜେନାଙ୍କ ଉପସ୍ଥିତିରେ ମଙ୍ଗଳବାର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପଦୋନ୍ନତି ନିଯୁକ୍ତିପତ୍ର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରଦାନ କରାଯାଇଛି।

# ପଥର ବୋଝେଇ ଟ୍ରାକ୍ଟର ଜବତ

ଖଇରା, ୧୩।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ବଗେଇପୁର ଅଞ୍ଚଳରୁ ବେଆଇନ ଭାବେ ପଥର ବୋଝେଇ କରିନେଉଥିବା ୩ ଟ୍ରାକ୍ଟରକୁ ଜବତ କରାଯାଇଛି। ଏନେଇ ୩ଟି ମାମଲା(ନଂ.୩୯/୨୧, ୪୦/୨୧, ୪୧/୨୧) ରୁଜୁ ହୋଇଛି। ଏସିଏଫ୍ ସୁଶାନ୍ତ କୁମାର ଜେନାଙ୍କ ନେତୃତ୍ୱରେ କରାଯାଇଥିବା ଚଢାଉରେ ସୋର ରେଞ୍ଜର ବବିତା ସୋରେନ, ଫରେଷ୍ଟର ତପନ ସିଂ, ଗାର୍ଡ ସଞ୍ଜୟ ମହାନ୍ତି ପ୍ରମୁଖ ସାମିଲ ଥିଲେ ।





Honda Motorcycle and Scooter India Pvt. Ltd., Registered Office: Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com

## ୨ ମୃତଦେହ ଜବତ

କୁଅଁମରା/ବେତନଟୀ,(ଡି.ଏନ.ଏ): ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଗୋପବନ୍ଧୁ ନଗର ବ୍ଲକ ପୁରୁଣାବାରିପଦା ପ୍ରାଣୀ ଚିକିତ୍ସା କେନ୍ଦ୍ର ପଛପାଖ ଏକ ପିଜୁଳି ଗଛରେ ଝୁଲୁଥିବା ଜଣେ ମହିଳାଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତ ମହିଳା ହେଲେ ଉଦଳା ଥାନା ଭୁଡ଼ୁରୁବଣି ଗ୍ରାମର ଶରତ ଚୌଧୁରୀଙ୍କ ଝିଅ ଅନିତା। ସେହିପରି ବେତନଟୀ ଆରଏମ୍‌ସି ଅଧୀନରେ ଥିବା ସାପ୍ତାହିକ ହାଟ ଚାଳିରୁ ବୁଧବାର ଅପରାହ୍ନରେ ପୋଲିସ ସୁରେନ୍ଦ୍ର ହାଁସଦାଙ୍କ ମୃତଦେହ ଜବତ କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୫୫/୨୧) ରୁଜୁ ହୋଇଛି।

**ସଂକ୍ଷେପରେ**

## ନକଲି ମଦ କାରଖାନାରେ ଚଢ଼ାଉ

### ଜଣେ ଗିରଫ, ରନ୍ଧା ସରଞ୍ଜାମ ଜବତ

ଉଦଳା,୧୩।୧୦(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ବେଗୁନିଆଡ଼ିହା ଗ୍ରାମରେ ଚାଲିଥିବା ନକଲି ମଦ କାରଖାନା ଉପରେ ଅବକାରୀ ବିଭାଗ ଏବଂ କଟକର ଫ୍ଲାଇଂ ସ୍କ୍ୱାଡ୍ ବୁଧବାର ଚଢ଼ାଉ କରିଥିଲା। ସେଠାରୁ ୧୨୦ ଲିଟର ସ୍ପିରିଟ୍, ମଦ ବୋତଲ ପ୍ରସ୍ତୁତିରେ ବ୍ୟବହୃତ ମେଶିନ୍, ନକଲି ଲୋଗୋ, ଷ୍ଟିକର ଆଦି ଜବତ ହେବା ସହିତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେ ହେଲେ ଦୁତିକାଦେଇପୁର ଗ୍ରାମର ପରେଶ ପରିଡ଼ା। ଏନେଇ ଏକ ମାମଲା ରୁଜୁ ହୋଇଛି। ଉଲ୍ଲେଖଯୋଗ୍ୟ, ଗତ ୩ ତାରିଖରେ ଅବକାରୀ ବିଭାଗ ପୁରୁଣାପାଣି ଗ୍ରାମରେ ଚାଲିଥିବା ଏକ ନକଲି ମଦ କାରଖାନା ଉପରେ ମଧ୍ୟ ଚଢ଼ାଉ କରି ବିପୁଳ ପରିମାଣର ମଦ ଜବତ କରିବା ସହିତ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ଦୁର୍ଘଟଣାରେ ଜୀବନ ଗଲା ଛୁଟି କାଟିବାକୁ ଘରକୁ ଆସୁଥିଲେ

ଭଣ୍ଡାରିପୋଖରୀ, ୧୩।୧୦ (ଡି.ଏନ.ଏ)- ପୂଜା ଛୁଟି କାଟିବାକୁ ଘରକୁ ଆସୁଥିଲେ। ହେଲେ ବାଟରେ ଜଗିଥିଲା ମୃତ୍ୟୁ। ଦୁର୍ଘଟଣାରେ ଚାଲିଗଲା ଜୀବନ। ମୃତକ ହେଲେ ଭଦ୍ରକ ଜିଲା ବାସୁଦେବପୁର ଥାନା ଇରମ ନିକଟ କୁମ୍ଭୀରଗଡ଼ିଆ ଗ୍ରାମର ଦିବ୍ୟଜ୍ୟୋତି ସାମଲ (୨୪)। ସୂଚନା ଅନୁଯାୟୀ, ସେ ଭୁବନେଶ୍ୱରରେ ଇଞ୍ଜିନିୟରିଂ ପଢୁଥିବା ବେଳେ ପୂଜା ଛୁଟି ଓ ତାଙ୍କ ମା'ଙ୍କର ପ୍ରଧାନ ଶିକ୍ଷୟିତ୍ରୀ ଭାବେ ପଦୋନ୍ନତି ହୋଇଥିବାରୁ ଖୁସିରେ ଘରକୁ ଫେରୁଥିଲେ। ସେ ବାଇକ୍‌ରେ ଗାଁକୁ ଆସୁଥିବା ବେଳେ ବୁଧବାର ଅପରାହ୍ନରେ ଭଣ୍ଡାରିପୋଖରୀ ଥାନା ୧୬ ନଂ. ଜାତୀୟ ରାଜପଥର ଡାହାଲା ନିକଟରେ ଏକ ବସ୍ ପଛପଟୁ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

## 'ପିନ୍ଧିବା ଦିନେ ପାଟ' ଉନ୍ମୋଚିତ

ଭଣ୍ଡାରିପୋଖରୀ,୧୩।୧୦ (ଡି.ଏନ.ଏ)- ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବାରିକପୁର ବଜାର ସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ରାଜ୍ୟ ସମ୍ମାନିତ ପ୍ରଧାନଶିକ୍ଷକ ପୁରୁଷୋତ୍ତମ ଧଳଙ୍କ ଶିଶୁ ଓ କିଶୋର କବିତା ସଂକଳନ 'ପିନ୍ଧିବା ଦିନେ ପାଟ'ର ଉନ୍ମୋଚନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଅଲେଖ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନର ଅବସରପ୍ରାପ୍ତ ଆୟୁକ୍ତ ଡ. ଦୁଃଶାସନ ଓଝା କବିତା ସଂକଳନ ଉନ୍ମୋଚନ କରିଥିଲେ। ପ୍ରଫୁଲ୍ଲ ସାହୁ, ଡା. ନିରଞ୍ଜନ ଓଝା, ସ୍ତମ୍ଭକାର କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ରବୀନ୍ଦ୍ର ମହାରଣା,ସନ୍ତୋଷ ସାହୁ, ଅକ୍ଷୟ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। କବି ଭାସ୍କର ଦାସ କବିତା ସଂକଳନ ସମୀକ୍ଷା ଓ ଘନଶ୍ୟାମ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଜିଲା ପରିଷଦ ସଦସ୍ୟ ଆସନ ସଂରକ୍ଷଣ ପାଇଁ ପୁନର୍ବିଚାର ହେଉ

ପାଟଣା, ୧୩।୧୦(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଜିଲା ପରିଷଦ ସଭ୍ୟ ପଦବୀ ମଧ୍ୟରୁ ଗୋଟିଏ ହେଲେ ସାଧାରଣ ବର୍ଗ ପାଇଁ ସଂରକ୍ଷିତ ନଥିବାରୁ ସାଧାରଣ ବର୍ଗରେ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ନୈରାଶ୍ୟ ଦେଖାଦେଇଛି। ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥାର ପୁନର୍ନିର୍ବାଚନ ସକାଶେ ଆସନ ପାଇଁ ସଂରକ୍ଷଣ ଚିଠା ତାଲିକା ପ୍ରକାଶ ପାଇଛି। କିନ୍ତୁ ୮ଟି ଜିଲା ପରିଷଦ ଆସନ ମଧ୍ୟରୁ କୋଉଠି ହେଲେ ସାଧାରଣ ବର୍ଗଙ୍କୁ ପ୍ରତିନିଧିତ୍ୱ କରିବାର ସୁଯୋଗ ନାହିଁ। ଅନୁରୂପ ଭାବେ ସରପଞ୍ଚ ଓ ସମିତି ସଭ୍ୟ ଆସନ ସଂରକ୍ଷଣରେ ମଧ୍ୟ ବ୍ୟାପକ ତ୍ରୁଟି ଥିବା ପ୍ରମୁଖ ବିରୋଧୀ ଦଳ ଭାଜପା ଓ କଂଗ୍ରେସ ନେତା ଅଭିଯୋଗ କରିଛନ୍ତି। ତେବେ ଏହି ତାଲିକା ଉପରେ ଅଭିଯୋଗ ଗ୍ରହଣ ଅକ୍ଟୋବର ୧୬ ତାରିଖ ଧାର୍ଯ୍ୟ ହୋଇଥିବା ବେଳେ, ଅକ୍ଟୋବର ୨୬ ତାରିଖ ଅନ୍ତିମ ପ୍ରକାଶନ ଓ ଅନ୍ତିମ ତାଲିକାକୁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ଆସନ୍ତା ୨୯ରେ ଦାଖଲ କରିବା ପାଇଁ ଧାର୍ଯ୍ୟ ହୋଇଛି। କେନ୍ଦୁଝର ଭାଜପା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା କହିଛନ୍ତି ଜିଲା ପରିଷଦ ମଣ୍ଡଳୀ ଠାରୁ ଆରମ୍ଭ କରି ସମିତି ସଭ୍ୟ ପର୍ଯ୍ୟନ୍ତ ପ୍ରତି କ୍ଷେତ୍ରରେ ଆସନ ସଂରକ୍ଷଣ ବ୍ୟବସ୍ଥାରେ ବ୍ୟାପକ ତ୍ରୁଟି ରହିଛି। ପ୍ରଶାସନ ତୁରନ୍ତ ତ୍ରୁଟିପୂର୍ଣ୍ଣ ସଂରକ୍ଷଣ ଚିଠା ପ୍ରତ୍ୟାହାର ସହ ତାଲିକା ସଂଶୋଧନ କରିବାକୁ ଦାବି କରିଛନ୍ତି।

# ପାର୍ବଣର ଆକର୍ଷଣ ବାଡ଼ି ଖେଳ

**ବାଲେଶ୍ୱର ଅଫିସ, ୧୩।୧୦**



ଅଷ୍ଟମୀରେ ଅନୁଷ୍ଠିତ ବାଡ଼ି ଖେଳ।

ଓଡ଼ିଶାର ବୀରତ୍ୱର ଗାଥା ପାଇକଙ୍କ ଯୁଦ୍ଧକଳାରୁ ପ୍ରତିପାଦିତ ହୋଇଛି। ପାଇକ ଆଖଡ଼ା ଏହି ଯୁଦ୍ଧକଳାର ଏକ ଅଙ୍ଗ। ଦୁର୍ଗାପୂଜାରେ ଆଖଡ଼ା ଖେଳ (ବାଡ଼ି ଖେଳ) ପ୍ରଦର୍ଶନ ଭଳି ଅନନ୍ୟ ପରମ୍ପରା କେବଳ ବାଲେଶ୍ୱର ବ୍ୟତୀତ ରାଜ୍ୟର ଅନ୍ୟ କେଉଁ ସ୍ଥାନରେ ଦେଖିବାକୁ ମିଳି ନ ଥାଏ। ବୀର ଯୋଦ୍ଧାମାନେ ନିଜର ଇଷ୍ଟ ବା ଗୁରୁ ମହାବୀର ହନୁମାନଙ୍କୁ ଆରାଧନା କରିବା ସହିତ ସହର ମଧ୍ୟରେ ଆଖଡ଼ା ଖେଳ ପ୍ରଦର୍ଶନ କରିବା ପ୍ରାୟ ଶହେ ବର୍ଷ ତଳୁ ଆରମ୍ଭ ହୋଇଥିବା ଏକ ପୁରାତନ ପରମ୍ପରା।

ଗଣେଶ ପୂଜାଠାରୁ ଆରମ୍ଭ ହୋଇଥାଏ ଆଖଡ଼ା ଖେଳ ଅଭ୍ୟାସ। ଆଖଡ଼ା ଶାଳରେ ଘଟ ବସାଇ ହନୁମାନଙ୍କୁ ପୂଜାର୍ଚ୍ଚନା ସହ ଦୈନିକ ବିଭିନ୍ନ ଖେଳର ଅଭ୍ୟାସ ଜାରି ରହେ ମାସାଧିକ କାଳ। ଦୁର୍ଗୋତ୍ସବର ମହାଷ୍ଟମୀ ଦିନ ସହରର ମାକଲପୁରସ୍ଥ ମହବୀର ମନ୍ଦିରରେ ବିଭିନ୍ନ ଅଞ୍ଚଳରୁ ଆଖଡ଼ା ଦଳ ପହଞ୍ଚି ମହାବୀର ହନୁମାନଙ୍କ ନିକଟରେ ଶସ୍ତ୍ର ପୂଜା ସହ ପ୍ରଣାମୀ ପ୍ରଦାନ କରିଥାନ୍ତି। ଏନେଇ ବହୁ ପୁରାତନ କାଳରୁ ମହାଷ୍ଟମୀକୁ ଜିଲାବାସୀ ବୀରାଷ୍ଟମୀ ମଧ୍ୟ କହିଥା'ନ୍ତି। ଦଶହରାରେ ମା' ମେଲାଣି ନେବା ପୂର୍ବରୁ ପ୍ରତିଯୋଗିତା ଭିତ୍ତିରେ ଆଖଡ଼ା ଖେଳ ପ୍ରଦର୍ଶନ ହୋଇଥାଏ। ମାତ୍ର ପ୍ରୋତ୍ସାହନ ଅଭାବରୁ ଆଖଡ଼ା ଖେଳର ଲୋକପ୍ରିୟତା କମି ଆସୁଥିବା ବେଳେ ଏହି ପରମ୍ପରା ଧୀରେ ଧୀରେ ଶେଷ ହେବାକୁ ବସିଛି। ବିଗତ ୨ ବର୍ଷଧରି କରୋନା କଟକଣା ଆଳ ଦେଖାଇ ଜିଲା ପ୍ରଶାସନ ଦୁର୍ଗାପୂଜାରେ ଏହି ଖେଳ ପ୍ରଦର୍ଶନ ଉପରେ କଟକଣା ଲଗାଇବା ଯୋଗୁ ବୁଦ୍ଧିଜୀବୀ ତଥା ଆଖଡ଼ା ଖେଳ ପ୍ରତି ରୁଚି ରଖୁଥିବା ବ୍ୟକ୍ତିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବାଲେଶ୍ୱରର ଇତିହାସ ଅନୁସାରେ ଡ. ମହତାବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହାବୀର ଆଖଡ଼ା ସଂଘ ପ୍ରତିଷ୍ଠା ହୋଇଥିଲା। ବାଲେଶ୍ୱର ମ୍ୟୁନିସିପାଲଟିର ପ୍ରଥମ ଅଧ୍ୟକ୍ଷ ଜ୍ଞାନରଞ୍ଜନ ପଟ୍ଟନାୟକ ସଭାପତି ଓ ଅଚ୍ୟୁତାନନ୍ଦ ଦାସ ସମ୍ପାଦକଙ୍କ ଦାୟିତ୍ୱ ତୁଲାଇଥିଲେ। ମାକଲପୁର ଅଞ୍ଚଳର ପ୍ରଥମ ସ୍ଥାନୀୟ ପ୍ରଶିକ୍ଷକ ମୂଷା ସେଠୀ ଯୁବକମାନଙ୍କୁ ବନା, ବାନାଟି, ଫରି, ବାଡ଼ିଖେଳ, କୁସ୍ତି, କସରତ୍, ତଲୱାର ଓ ଢାଲ ଆଦି ଖେଳ ଶିଖାଉଥିଲେ। ପରବର୍ତ୍ତୀ ସମୟରେ ସେହି ଯୁବକମାନେ ଜଣେ ପ୍ରଶିକ୍ଷକ ଭାବେ ଜିଲାର ବିଭିନ୍ନ ଅଞ୍ଚଳରେ ରହି ଅନ୍ୟ ଯୁବଗୋଷ୍ଠୀଙ୍କୁ ପ୍ରଶିକ୍ଷଣ ଦେଉଥିଲେ। ମହାବୀର ଆଖଡ଼ା ସଂଘ କ୍ରମଶଃ ନିଜର ପରିସର ବୃଦ୍ଧି କରିବା ସହିତ ସ୍ୱତନ୍ତ୍ର ସେନାନୀର ଶାଖା ସଂଖ୍ୟା ମଧ୍ୟ ବୃଦ୍ଧି କରିପାରିଥିଲା। ବର୍ଷତମାମ ଅଭ୍ୟାସ ପରେ ପ୍ରତ୍ୟେକ ବର୍ଷ ଦୁର୍ଗାପୂଜାରେ ସ୍ଥାନୀୟ ଖଲିପା (ବାଡ଼ି ଖେଳର ମୁଖ୍ୟ)ଙ୍କ ନେତୃତ୍ୱରେ ଆଞ୍ଚଳିକ ଦଳଗୁଡ଼ିକ ମହାବୀର ଆଖଡ଼ା ସଂଘ ଆନୁକୂଲ୍ୟରେ ସହରକୁ ଖେଳ ପ୍ରଦର୍ଶନ ପାଇଁ ଆସୁଥିଲେ। ଏହାଦ୍ୱାରା ଜିଲାର ବିଭିନ୍ନ ଅଞ୍ଚଳର ଲୋକଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ସହ ବିପଦ ସମୟରେ ଗୋଟିଏ ଦଳ ଅନ୍ୟଦଳକୁ ସାହାଯ୍ୟ କରିବା ଭଳି ଏହି ଭାତୃତ୍ୱଭାବର ପରମ୍ପରା ଏଯାବତ ଚଳିଆସିଛି।

ପୂର୍ବରୁ ଜମିଦାର ଓ ଧନୀକ ବ୍ୟକ୍ତିମାନେ ନିଜ ଅଞ୍ଚଳର ସୁରକ୍ଷା ପାଇଁ ଆଖଡ଼ା ଦଳ ଗଠନ କରିଥିଲେ। ଆଖଡ଼ା ସଂଘର ପରିଚାଳନା ପାଇଁ ସେମାନେ ଆର୍ଥିକ ସହାୟତା ଦେଉଥିଲେ। ଫଳରେ ଶତାଧିକ ଆଞ୍ଚଳିକ ଆଖଡ଼ା ଦଳ ସୃଷ୍ଟି ହୋଇପାରିଥିଲା। ମାତ୍ର ସମ୍ପ୍ରତି ପ୍ରୋତ୍ସାହନ ଅଭାବରୁ ଯୁବଗୋଷ୍ଠୀଙ୍କ ମଧ୍ୟରେ ଏହି ଆଖଡ଼ା ଖେଳ ପ୍ରତି କ୍ରମଶଃ ଆଗ୍ରହ କମୁଥିବା ଲକ୍ଷ୍ୟ କରାଯାଉଛି। ଜିଲାରେ ଶହେରୁ ଊର୍ଦ୍ଧ୍ୱ ଆଖଡା ଦଳରୁ ଏବେ ଏହି ସଂଖ୍ୟା ହ୍ରାସ ପାଇଁ ୧୫ରେ ପହଞ୍ଚିଥିବା ମହାବୀର ଆଖଡ଼ା ସଂଘ ପକ୍ଷରୁ କୁହାଯାଇଛି। ଏହି ଖେଳ ପ୍ରତି ପ୍ରୋତ୍ସାହନ ମିଳୁ ନ ଥିବା ବେଳେ ସେଭଳି ବଦାନ୍ୟ ବ୍ୟକ୍ତିଙ୍କର ମଧ୍ୟ ଘୋର ଅଭାବ ଦେଖାଦେଇଛି। ଉତ୍କଳୀୟ ପରମ୍ପରା ଭାବେ ରାଜ୍ୟ ସଂସ୍କୃତି ବିଭାଗ ଓ କ୍ରୀଡ଼ା ବିଭାଗ ପକ୍ଷରୁ ଏନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି।

## ବାଇକ୍‌ରୁ ପଡ଼ି ଯୁବକ ଗୁରୁତର

**ସୋର, ୧୩।୧୦(ଡି.ଏନ.ଏ.)**

ସୋର ଉତ୍ତରେଶ୍ୱର ବରଫକଳ ଛକ ନିକଟରେ ବୁଧବାର ଜଣେ ଯୁବକ ବାଇକ୍‌ରୁ ଖସିପଡ଼ି ଗୁରୁତର ଅବସ୍ଥାରେ ସୋର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲୁଥିବା ବେଳେ ଏହି ଛକ ନିକଟରେ ଦୁର୍ଘଟଣା ଘଟିଥିଲା। ଖଇରା ଥାନା ତରାଙ୍ଗ ଗ୍ରାମର ବାଇଧର ଶିଅଳଙ୍କ ପୁଅ ଚନ୍ଦ୍ରକାନ୍ତ ବାଇକରେ ବାହାନଗାରୁ ତରାଙ୍ଗ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା।

## ରେକର୍ଡ ନ ପାଇ ଫେରିଗଲେ ତଦନ୍ତ ଅଧିକାରୀ

**ଖଇରା, ୧୩।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ପଳସା ପଞ୍ଚାୟତ ଅଧୀନ ଗୋବିନ୍ଦଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତିରେ ଅନିୟମିତତା ତଦନ୍ତ କରିବାକୁ ଆସିଥିବା ୨ଜିଲାସ୍ତରୀୟ ଶିକ୍ଷାଧିକାରୀ ରେକର୍ଡ ନ ପାଇ ଫେରିଯିବାକୁ ବାଧ୍ୟ ହୋଇଛନ୍ତି। ଉକ୍ତ ବିଦ୍ୟାଳୟରେ କାର୍ଯ୍ୟରତ ୬ ଶିକ୍ଷକ ଶେଷଦେବ ବଳବନ୍ତରାୟ, ଲକ୍ଷ୍ମୀକାନ୍ତ ଦାଶ, ପ୍ରଭାକର ପାଣି, ସୁଚରିତା ପାଣିଗ୍ରାହୀ, ନୃସିଂହ ସେନାପତି, ପ୍ରମୋଦ କୁମାର ପ୍ରଧାନଙ୍କୁ ବେଆଇନ ଭାବେ ଛଟେଇ କରାଯିବା ନେଇ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ ପାଇଁ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଧରଣୀଧର ପାତ୍ର ଓ ପବିତ୍ର ବାରିକ ବିଦ୍ୟାଳୟରେ ପହଞ୍ଚିଥିଲେ। ବହୁ ଅଭିଭାବକ ପିଲାଙ୍କ ଷ୍ଟାଇପେଣ୍ଡ ଓ ସାଇକେଲ ଅର୍ଥ ପାଇ ନ ଥିବା ନେଇ ଅଧିକାରୀଙ୍କୁ ଜଣାଇଥିଲେ। ଅଧିକାରୀମାନେ ସମସ୍ତ ଅଭିଯୋଗ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ ମଧ୍ୟ ପ୍ରଧାନଶିକ୍ଷକ ପ୍ରମୋଦ ତ୍ରିପାଠୀ, ସମ୍ପାଦିକା ମୌନାବତୀ ପଣ୍ଡା ବିଦ୍ୟାଳୟର କୌଣସି କାଗଜ ଦେଖାଇ ପାରି ନ ଥିଲେ। ଅଧିକାରୀମାନେ ଅସନ୍ତୋଷ ପ୍ରକାଶ କରି ଫେରିଯାଇଥିଲେ। ନୂତନ କମିଟି ଗଠନ ପାଇଁ ଅଭିଭାବକ ଓ ଗ୍ରାମବାସୀଙ୍କ ତରଫରୁ ଦାବି କରାଯାଇଛି।

## ଦୁର୍ଗତିନାଶିନୀଙ୍କ ପୂଜାର୍ଚ୍ଚନା



ଢେଙ୍କିକୋଟରେ ପୂଜା ପାଉଥିବା ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି।

**କେନ୍ଦୁଝର/ଢେଙ୍କିକୋଟ/ପାଟଣା, ୧୩।୧୦ (ସ୍ୱ.ପ୍ର./ଡି.ଏନ.ଏ./ସ୍ୱ.ପ୍ର.)**

କେନ୍ଦୁଝରରେ ଦୁର୍ଗା ପୂଜା କୋଭିଡ କଟକଣା ମଧ୍ୟରେ ଚାଲିଛି। ଭକ୍ତ ମାନେ ଦେବୀଙ୍କ ଦର୍ଶନ କରିବାକୁ ନ ପାଇ ନିରାଶ ହୋଇଥିଲେ ହେଁ ପୂଜା ମଣ୍ଡପ ବାହାରେ ପୂଜା ଏବଂ ଦ୍ୱୀପ ପ୍ରଜ୍ୱଳନ କରି ମା'ଙ୍କ ସାନିଧ୍ୟ ଲାଭ କରିଛନ୍ତି। ବୁଧବାର ମହାଷ୍ଟମୀ ପୂଜା ଅନୁଷ୍ଠିତ ହୋଇଯାଇଥିବା ବେଳେ ଭକ୍ତ ମାନେ ଉପବାସ ରହି ବ୍ରତ ରଖି ପୂଜା କରିଛନ୍ତି। ଅନ୍ୟପଟେ ଘଟଗାଁ ମା' ତାରିଣୀଙ୍କ ପୀଠରେ ମଧ୍ୟ କୋଭିଡ କଟକଣା ମଧ୍ୟରେ ଦୁର୍ଗା ପୂଜା ପାଳନ ହେଉଛି। ଏହି ଦିନରେ ମା' ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ପୂଜା ପାଇଁ ପୋଲିସ ସୁରକ୍ଷା ବ୍ୟବସ୍ଥା ବିଭିନ୍ନ ସ୍ଥାନରେ କରାଯାଇଥିବା ବେଳେ ପୂଜା କମିଟି/ଟ୍ରଷ୍ଟ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି।

ଘଟଗାଁ ବ୍ଲକରେ ବୁଧବାର ପବିତ୍ର ମହାଷ୍ଟମୀରେ ଶ୍ରଦ୍ଧାଳୁ ବ୍ରତଧାରୀ ଭକ୍ତଙ୍କର ଭିଡ ଜମିଥିବା ବେଳେ ଆଖପାଖ ଅଞ୍ଚଳର ଭକ୍ତ ମାନେ ଦର୍ଶନ କରିଯାଇଛନ୍ତି। ଗୁରୁବାର ନବମୀ ପୂଜା ଯଥାବିଧି ହେବାପାଇଁ କମିଟିରେ ନିର୍ଦ୍ଧାରଣ ସରିଥିବା ବେଳେ ଶୁକ୍ରବାର ମା'ଙ୍କର ଦଶମୀ ପୂଜା ଯଥାବିଧି ପାଳନ ହେବା ସାଙ୍ଗକୁ ଭକ୍ତ ମାନଙ୍କୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ଦେବୀ ମଣ୍ଡପ କମିଟି ଉପଦେଷ୍ଟା ଉତ୍ତମ କୁମାର ନାୟକ ପ୍ରକାଶ କରିଛନ୍ତି। ଦେବୀ ମଣ୍ଡପର ସଭାପତି ଚିତ୍ତରଞ୍ଜନ ସାହୁ, ସମ୍ପାଦକ ଶତ୍ରୁଘ୍ନ ସାହୁ, କୋଷାଧ୍ୟକ୍ଷ ସ୍ମୃତିରଞ୍ଜନ ମହାପାତ୍ର, ଉପଦେଷ୍ଟା ଉତ୍ତମ କୁମାର ନାୟକ ଏବଂ ସକ୍ରିୟ କାର୍ଯ୍ୟକର୍ତ୍ତା ଲଲାଟେନ୍ଦୁ ସାହୁଙ୍କ ସମେତ ଶତାଧିକ ସଦସ୍ୟଙ୍କ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ଶାନ୍ତି ଶୃଙ୍ଖଳାର ସହ ଚାଲୁଅଛି। ପାଟଣା ମୁଖ୍ୟାଳୟ ମଣ୍ଡପରେ ମୃଣ୍ମୟୀ ମୂର୍ତ୍ତିଙ୍କ ମହାଷ୍ଟମୀ ପୂଜା ନୀତିକାନ୍ତିରେ ହୋଇଛି। ପୂଜକ ଭାବେ ପଣ୍ଡିତ ଦେବେନ୍ଦ୍ର କୁମାର ମିଶ୍ର ଓ ବୃନ୍ଦାବନ ଷଡଙ୍ଗୀ ପୂଜାର୍ଚ୍ଚନା କରିଥିବା ବେଳେ କର୍ତ୍ତା ଭାବେ ପ୍ରଦୀପ କୁମାର ଦାଶ ଦେବନୀତି ସମ୍ପନ୍ନ କରିଥିଲେ।

## ବିଭିନ୍ନ ସ୍ଥାନରେ ମହାଷ୍ଟମୀ ପୂଜା

**ଖଇରା, ୧୩।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକର ୧୫ ଦୁର୍ଗାମଣ୍ଡପରେ ମା' ଦୁର୍ଗତିନାଶିନୀଙ୍କ ମହାଷ୍ଟମୀ ପୂଜା କୋଭିଡ କଟକଣା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରସିଦ୍ଧ ଗଣ୍ଡିବେଡ ପୂଜା ୭୫ବର୍ଷରେ ପଦାର୍ପଣ କରିଥିବା ବେଳେ ଦେବଦତ୍ତ ଶତପଥିଙ୍କ ସମେତ ଅନ୍ୟ ବ୍ରାହ୍ମଣମାନଙ୍କ ପୂଜାର୍ଚ୍ଚନା କରାଯାଉଛି। କମିଟି ସଭାପତି ଭାଗିରଥି ଦାସ, ସମ୍ପାଦକ ମାନସ ରଞ୍ଜନ ରାଉଳ, ଉପସଭାପତି ବିଜୟ କେତନ ନାୟକ, କୋଷାଧ୍ୟକ୍ଷ ଇନ୍ଦୁଭୂଷଣ ପ୍ରଧାନ, ରାମଚନ୍ଦ୍ର ବେହେରା, ବାବାଜି ମହାନ୍ତି, ଜୀବନ ଦାସ, ଲମ୍ବୋଦର ଦାସ ପ୍ରମୁଖଙ୍କ ସହଯୋଗରେ ପୂଜା ପରିଚାଳିତ ହେଉଛି। ଏହାଛଡା ଖଇରା, ମଛଦା, ଡୁଙ୍ଗୁରା, କୁପାରୀ, ମହତୀପୁର, ସାରଡାଙ୍ଗ, ବାରାପୁର, ସୁଣ୍ଡିରା ଓ ଗୋଳିହା ଆଦି ସ୍ଥାନରେ ପୂଜା ପାରମ୍ପରିକ ରୀତିରେ ପାଳିତ ହେଉଛି। ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ବିଭିନ୍ନ ମଣ୍ଡପ ବୁଲି ମା'ଙ୍କ ଆଶୀର୍ବାଦ କାମନା କରିଛନ୍ତି।



ଗଣ୍ଡିବେଡଠାରେ ମା'ଙ୍କ ଅଷ୍ଟମୀ ପୂଜା।

## ୨ଶହ ବର୍ଷର ଶକ୍ତିପୀଠ ମା' ଜଳଙ୍ଗ ଚଣ୍ଡୀ



**ଖଇରା, ୧୩।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ମାଣିତ୍ରୀ ପଞ୍ଚାୟତ ଅଧୀନ ଜଳଙ୍ଗ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଚଣ୍ଡୀଙ୍କର ପୂଜାର୍ଚ୍ଚନା କୋଭିଡ କଟକଣା ମଧ୍ୟରେ ଆରମ୍ଭ ହୋଇଛି। ବାଲେଶ୍ୱର ଜିଲାର ଅନ୍ୟତମ ପୁରାତନ ସାଂସ୍କୃତିକ ପୀଠ ଭାବେ ପରିଗଣିତ ଏହି ଦେବୀଙ୍କ ମହିମା ଅବର୍ଣ୍ଣନୀୟ। ମା'ଙ୍କର ଦର୍ଶନ ପାଇଁ ବର୍ଷତମାମ ଭକ୍ତଙ୍କର ଭିଡ ଲାଗି ରହିଥିବା ବେଳେ ପାର୍ବଣ ଏଠାରେ ସ୍ୱତନ୍ତ୍ର ଭାବେ ପାଳନ କରାଯାଇଥାଏ।

ଦେବୀଙ୍କ ପ୍ରତିଷ୍ଠା ପଛରେ ଥିବା କିମ୍ବଦନ୍ତୀ ଅନୁଯାୟୀ ଆଜକୁ ଅନ୍ୟୁନ ୨ଶହ ବର୍ଷ ତଳେ କେନ୍ଦୁଝର ଜିଲା ଶୋଷ ଥାନା ଢେଙ୍କା ନିକଟସ୍ଥ ବାଲିଗୁରେଇ ଅଞ୍ଚଳର ଲୋକେ ୫ ଦେବୀ ମୂର୍ତ୍ତୀଙ୍କୁ ୫ଭଉଣୀ ଭାବେ ପୂଜାର୍ଚ୍ଚନା କରୁଥିଲେ। ମା' ପ୍ରତ୍ୟକ୍ଷ ଦେବୀ ହୋଇଥିବାରୁ ତାଙ୍କ ନିକଟରେ ସେତେବେଳେ ନରବଳି ପରମ୍ପରା ଚାଲିଥିଲା। କେନ୍ଦୁଝର ରାଜା ଓ ପରେ ଢେଙ୍କା ଜମିଦାରଙ୍କ ତତ୍ତ୍ୱାବଧାନରେ ୫ ଭଉଣୀଙ୍କ ପୂଜାର୍ଚ୍ଚନା ଚାଲୁଥିଲା। ଏହି ୫ ଭଉଣୀଙ୍କ ମଧ୍ୟରୁ ବଡଭଉଣୀ ଭାବେ ଚଣ୍ଡୀ ଠାକୁରାଣୀଙ୍କ ସ୍ୱପ୍ନାଦେଶକ୍ରମେ ଜଳଙ୍ଗ ଗ୍ରାମର ମହାପାତ୍ର ବଂଶଧରଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ମା'ଙ୍କ ପ୍ରତିମାକୁ କାନ୍ଧରେ ବୋହିଆଣି ଗାଁରେ ଥିବା କୋଚିଲାଗଛ ମୂଳେ ରଖିଥିଲେ। ପରବର୍ତ୍ତୀ ସମୟରେ ମା'ଙ୍କୁ ଅନ୍ୟତ୍ର ନେବା ଉଦ୍ଦେଶ୍ୟରେ ଗ୍ରାମବାସୀଙ୍କ ଶତଚେଷ୍ଟା ସତ୍ତ୍ୱେ ମା'ଙ୍କ ମୂର୍ତ୍ତୀକୁ ସ୍ଥାନାନ୍ତର କରିବାରେ ବିଫଳ ହୋଇଥିଲେ। କିଛି ବର୍ଷ ପରେ ମହାପାତ୍ର ବଂଶର ଉତ୍ତରାଧିକାରୀ ପଦ୍ମଲୋଚନ ମହାପାତ୍ର, ବିନୋଦ ମହାପାତ୍ର, ଗ୍ରାମମୁଖିଆ ଗୋବିନ୍ଦ ଦାଶ ଓ ପାଣ୍ଡୁ ତ୍ରିପାଠୀଙ୍କ ପ୍ରଚେଷ୍ଟାରେ ଏକ ମନ୍ଦିର ନିର୍ମାଣ କରାଯାଇଥିଲା। ମା'ଙ୍କ ବିଷୟରେ ଅନେକ ଅଲୌକିକ ଘଟଣା ବି ଲୋକଙ୍କୁ ମୁହଁରୁ ଶୁଣିବାକୁ ମିଳେ। ଏହି ମନ୍ଦିର ସମ୍ମୁଖରେ ଏକ ପୋଖରୀ ରହିଛି। କୌଣସି କର୍ମକର୍ମାଣି ପାଇଁ ବାସନକୁସନ ଦରକାର ପଡିଲେ ଆଗରୁ ଲୋକମାନେ ଆସି ମା'ଙ୍କୁ ଗୁହାରୀ କରୁଥିଲେ। ଠିକ୍ ପରଦିନ ସକାଳେ ଉକ୍ତ ପୋଖରୀରେ ଆବଶ୍ୟକ ମୁତାବକ ବାସନକୁସନ ଭାସୁଥିଲା। ଯାହାକୁ ନେଇ ବ୍ୟବହାର କରିବା ପରେ ପୁଣି ଆଣି ତାକୁ ପୋଖରୀରେ ଭସାଇ ଦେଉଥିଲେ। ଏଥିଲାଗି ଏହି ପୋଖରୀ ବାସଙ୍ଗ ପୋଖରୀ ନାମରେ ପରିଚିତ। ଏହି ଐତିହ୍ୟସମ୍ପନ୍ନ ମନ୍ଦିର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଦେବୋତ୍ତର ତଥା ସଂସ୍କୃତି ବିଭାଗ ଦୃଷ୍ଟି ଦେବାକୁ ମନ୍ଦିର ଟ୍ରଷ୍ଟ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ, ସଭ୍ୟ ସୁଶାନ୍ତ ମହାପାତ୍ର, ଅକ୍ଷୟ କୁମାର ଦାସ, ଭଗବାନ ଦାସ, ନାରାୟଣ ଦାସ ଓ ଶତ୍ରୁଘ୍ନ ଦାସ ଦାବି କରିଛନ୍ତି।

## ମହିମା ଆଶ୍ରମରେ ନବରାତ୍ର ସତ୍‌ସଙ୍ଗ

**ବାହାନଗା,୧୩।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ସାଉଡୁ ପଞ୍ଚାୟତର ଥାଲସଡା ଗ୍ରାମରେ ଥିବା ଶୂନ୍ୟମଣ୍ଡପ ମହିମା ଆଶ୍ରମରେ ନବରାତ୍ର ସତ୍‌ସଙ୍ଗ ଚର୍ଚ୍ଚା ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସମାଜକୁ ପ୍ରାକୃତିକ ବିପର୍ଯ୍ୟୟରୁ ଦୂରୀକରଣ ତଥା ମାନବ ସମାଜର ସାମଗ୍ରିକ ଉଦ୍ଧାର ନିମନ୍ତେ ମହିମା ଆଶ୍ରମରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଠାରେ ଦୀର୍ଘ ୯ଦିନ ଧରି ଅହୋରାତ୍ର ଅଖଣ୍ଡ ଆହୂତି ହେବା ସହିତ ସତ୍‌ସଙ୍ଗ ଚର୍ଚ୍ଚା ହୋଇଥିଲା। ଜୋରନ୍ଦା ମହିମା ଆଶ୍ରମର ପରିଚାଳନା କମିଟି କୋଷାଧ୍ୟକ୍ଷ ବାବା ନାରାୟଣ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୂତି ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଗୌରାଙ୍ଗ ନାୟକ, ଗଦାଧର ମହାପାତ୍ର, ବାବୁଲି ପାଣ୍ଡିଆ, ବିଜୟ ମହାପାତ୍ର, ରବୀନ୍ଦ୍ର ସ, ଗିରିଧାରୀ ସ, ଅନୀଲ୍ ମହାପାତ୍ର ଓ ଶଶିକାନ୍ତ କର ପ୍ରମୁଖ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

## ସବୁଠି ଜଗଜ୍ଜନନୀଙ୍କୁ ଆରାଧନା

**ଭଦ୍ରକ ଅଫିସ/ଭଣ୍ଡାରିପୋଖରୀ/ ବାସୁଦେବପୁର/ଆରଡ଼ି/ବନ୍ତ, ୧୩/୧୦ (ଡି.ଏନ.ଏ)**

ଭଦ୍ରକ ସହର ସମେତ ଜିଲାର ବିଭିନ୍ନ ସ୍ଥାନରେ ଜଗଜ୍ଜନନୀ ମା' ଦୁର୍ଗାଙ୍କ ପୂଜାର୍ଚ୍ଚନା ଚାଲିଛି। ଚଳିତବର୍ଷ ଶତାଧିକ ଛୋଟବଡ଼ ଅସ୍ଥାୟୀ ପୂଜା ମଣ୍ଡପରେ କୋଭିଡ୍ କଟକଣା ମଧ୍ୟରେ ମା'ଙ୍କୁ ଆବାହନ କରାଯାଇଛି। ଭଦ୍ରକ ସହରର ଗାନ୍ଧୀପଡ଼ିଆ, ବାଇପାସ୍, ବଙ୍କବାସୁଳି ମନ୍ଦିର, ଚରମ୍ପା ସ୍କୁଲରୋଡ୍, ଆରଡ଼ି ରୋଡ ପ୍ରାଚୀନଗର, ଚରମ୍ପା ଏରେଇଁ, ଷ୍ଟେଶନରୋଡ ବଜାର କମିଟି, ପୁରୁଣା ଓଏସ୍‌ଆର୍‌ସି କ୍ୟାମ୍ପସ, ଚରମ୍ପା ଡଗରାସାହି, ଜାନୁଗଞ୍ଜ, ଗବସାହି, ସଙ୍ଗତ, ପୁରୁଣାବଜାର, ଗରଦପୁରଠାରେ ବୁଧବାର ଅଷ୍ଟମୀ ପୂଜା ଅନୁଷ୍ଠିତ ହୋଇଥିଲା।

ଭଣ୍ଡାରିପୋଖରୀ ବ୍ଲକର ମଞ୍ଜୁରୀରୋଡ୍, ଜଳମଣ୍ଡୁଆ, ନିର୍ଗୁଣ୍ଡି, ସରସଦା, ଭଣ୍ଡାରିପୋଖରୀ, ନାଗାପାଳ, ହାଟସାହି ଓ କୁଣ୍ଡସାହିଠାରେ ମା'ଙ୍କୁ ଆରାଧନା କରାଯାଉଛି। ଭଣ୍ଡାରିପୋଖରୀ ବଜାର ଥାନା ଛକ ଦୁର୍ଗା ମଣ୍ଡପ, ପାଟୁଳି, ଜୋରାଗଡ଼ିଆଠାରେ ମଧ୍ୟ ମା'ଙ୍କ ପୂଜା ଅନୁଷ୍ଠିତ ହୋଇଛି। ବାସୁଦେବପୁର ସହର ମଧ୍ୟରେ ପରିବା ହାଟ ସନ୍ନିକଟରେ ଥିବା ସାର୍ବଜନୀନ ଦୁର୍ଗାପୂଜା ଏଥର ୫୭ ବର୍ଷରେ ପହଞ୍ଚିଛି। ଏହି ସାର୍ବଜନୀନ ଦୁର୍ଗାପୂଜା ୧୯୬୫ରେ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇ ପରବର୍ତ୍ତୀ ସମୟରେ ଥାନା ହାଟ ଦୁର୍ଗାପୂଜା ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ପରମ୍ପରା ଓ ପୂର୍ବ ପ୍ରଥା ଅନୁସାରେ ବାସୁଦେବପୁର ଥାନାରୁ ମା' ଦୁର୍ଗାଙ୍କ ଉଦ୍ଦେଶ୍ୟରେ ପ୍ରଥମ ଭୋଗ ଆସିଥାଏ। ସେହିପରି ବାସୁଦେବପୁର ବିଦ୍ୟୁତ୍ ମାର୍ଗ, ବାଲିନଗର ନିକଟସ୍ଥ ତାରିଣୀଛକ, ଇରମ ପାଢ଼ୀ ଉଆସ, ସୁଦର୍ଶନପୁରଛକ, ଗୁଆଗଡ଼ିଆ, ବ୍ରାହ୍ମଣୀଗାଁ, ଅଲବଗା, ସମିଆ, ବେତଡ଼ା, ଭୈରବପୁର, ଉଇଡିହା ଆଦି ଗ୍ରାମ ସମେତ ବିଭିନ୍ନ ଅଞ୍ଚଳରେ ବିଧି ପୂର୍ବକ ପୂଜା କରାଯାଉଛି।

ଚାନ୍ଦବାଲି ବ୍ଲକର ଆରଡ଼ି ଓ ସୁନ୍ଦରପୁର, ଧାମନଗର ବ୍ଲକର ରଇପୁରଠାରେ ଥିବା ସ୍ଥାୟୀ ମଣ୍ଡପରେ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଛି। ବୁଧବାର ମହାଷ୍ଟମୀ ପୂଜାରେ ମଣ୍ଡପ ଉତ୍ସବମୁଖର ହୋଇଥିଲା। ବନ୍ତ ପୁରୁଣା ବଜାର ସ୍ଥିତ ସର୍ବପୁରାତନ ତଥା ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା ପାଇଁ ଅଞ୍ଚଳ ଉତ୍ସବମୁଖର ହୋଇଛି। ପୂଜକ ହରେକୃଷ୍ଣ ପତି, ଲିଙ୍ଗରାଜ ମିଶ୍ର, ଗଙ୍ଗାଧର ପାଣି, ସେବାକାରୀ ନିଶାକର ବାରିକ, ଗଦାଧର ବେହେରା ପୂଜା ଦାୟିତ୍ୱ ତୁଲାଉଛନ୍ତି। ପୂଜା କମିଟି ସଭାପତି ମହେନ୍ଦ୍ର ନାଥ ମିଶ୍ର, ସମ୍ପାଦକ ବିଜୟ ମଜୁମଦାର, ସହସମ୍ପାଦକ ଲକ୍ଷ୍ମୀଧର ବେହେରା, କେଦାରନାଥ ମହାନ୍ତିଙ୍କ ସମେତ ବନ୍ତ ଗ୍ରାମବାସୀ ସହଯୋଗ କରୁଛନ୍ତି।



ଭଦ୍ରକ ଗାନ୍ଧୀପଡ଼ିଆ ସ୍ଥିତ ମଣ୍ଡପରେ ପୂଜା ପାଉଛନ୍ତି ମା' ଦୁର୍ଗା।

## ଭାଜପାର ସାଙ୍ଗଠନିକ ଶକ୍ତି ବୃଦ୍ଧି ଉପରେ ଗୁରୁତ୍ୱ

**ଭଦ୍ରକ ଅଫିସ,୧୩।୧୦**

ଭଦ୍ରକ ଜିଲା ସଦର ବ୍ଲକ ଅଞ୍ଚଳର ସୀତାରାମ କଲ୍ୟାଣ ମଣ୍ଡପରେ ଦୁଇଦିନ ବ୍ୟାପୀ ଭାଜପାର ସାଙ୍ଗଠନିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର, ଜିଲା ପ୍ରଭାରୀ ତଥା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ଧାମନଗର ବିଧାୟକ ବିଷ୍ଣୁ ସେଠୀ, ଡା. ପ୍ରଦୀପ ନାୟକ, ବଦ୍ରି ନାରାୟଣ ଧଳ, ମାଧବାନନ୍ଦ ମଲ୍ଲିକ, ଜିଲା ଭାଜପା ସଭାପତି ହେମନ୍ତ ପାଢ଼ୀ, ଅଭିମନ୍ୟୁ ସେଠୀ, ଜିଲା ଭାଜପା ସାଧାରଣ ସମ୍ପାଦକ ମନୋଜ ମଲ୍ଲିକ, ଶଶୀକାନ୍ତ ବିଶ୍ୱାଳ, ଦୁର୍ଗାପ୍ରସନ୍ନ ଦାସ ପ୍ରମୁଖ କିପରି ପଞ୍ଚାୟତ ନିର୍ବାଚନ ଲଢ଼ାଯିବ ସେ ବିଷୟରେ ବିଚାର ବିମର୍ଶ କରିଥିଲେ। ମିଳିତ ଭାବେ ଦଳର ସାଙ୍ଗଠନିକ ଶକ୍ତି ବୃଦ୍ଧି ଉପରେ ଗୁରୁତ୍ୱ ଦେଇ ଯୋଜନା ପ୍ରସ୍ତୁତ କରିଥିଲେ। ଦ୍ୱିତୀୟ ଦିବସରେ କର୍ମକର୍ତ୍ତାମାନେ ପୂର୍ବତନ ସଭାପତି ରାୟ ରାମାନନ୍ଦ ମହାପାତ୍ରଙ୍କୁ ତାଙ୍କ ବାସଭବନରେ ଭେଟି ମତାମତ ନେଇଥିଲେ। ପରେ ପ୍ରତ୍ୟେକ ମଣ୍ଡଳ ଏବଂ ମୋର୍ଚ୍ଚାର ପ୍ରଭାରୀଙ୍କ ସହ ବିଭିନ୍ନ ସାଙ୍ଗଠନିକ ଆଲୋଚନା କରାଯାଇଥିଲା। ମହିଳା ମୋର୍ଚ୍ଚା ପ୍ରଭାରୀ ଭଗବାନ ପଣ୍ଡା, ଯୁବମୋର୍ଚ୍ଚା ପ୍ରଭାରୀ ଶରତ ପଡ଼ିଆରୀ, ଓବିସି ମୋର୍ଚ୍ଚା ପ୍ରଭାରୀ ବୁଦ୍ଧଦେବ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଜିଲା ଉପସଭାପତି ଶ୍ରୀହର୍ଷ ସ୍ୱାଇଁ, ଅଶୋକ ପରିଜା, ପ୍ରଭାକର ସାମଲ, ଉତ୍ତମ ପାତ୍ର, ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

**କେନ୍ଦୁଝର, ୧୩।୧୦(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଜୀଷ୍ଟମିଟ ଭିଡିଓ ପ୍ରସାରଣ ମାଧ୍ୟମରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଜିଲା ଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ବେଣୁଧର ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଦିବସରେ ସଚିବ ସୌଦାମିନୀ ବିଶ୍ୱାଳ ମାନସିକ ଅଗ୍ରସର ବ୍ୟକ୍ତିମାନଙ୍କ ପାଇଁ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ କର୍ତ୍ତବ୍ୟ ବିଷୟରେ କହିଥିଲେ। ପ୍ୟାନେଲ ଅଧିବକ୍ତା, ପାରା ଆଇନ ସ୍ୱେଚ୍ଛାସେବୀ ଓ ଜନସାଧାରଣ ଅଂଶଗ୍ରହଣ କରିଥିଲେ।

